# Akashvani, Sambalpur

## SAMBALPURI NEWS EVENING BULLETIN

## 31 May 2026-7.02- 7.12 pm.

---

୧- କୃଷି ଅର୍ଥନୀତିକେ ଗତିଶୀଳ କର୍‌ବାର୍‌ଥି ଆମ୍ ଚାଷୀମାନ୍‌କର୍ ଉଦ୍ୟମ୍ ପ୍ରଶଂସନୀୟ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ମନ୍ କି ବାତ୍ କାର୍ଯ୍ୟକ୍ରମଥି ଓଡ଼ିଶାର୍ ବେଲ୍‌ପଣା ଆଉ ଖେଲାଲୀ ଅନିମେଷ୍ କୁଜୁର୍‌ଙ୍କୁ କଲେ ପ୍ରଶଂସା ।

୨- ଭୁବ୍‌ନେଶ୍ୱର୍ ଠାନେ କୁଳପତି ସମ୍ମିଳନୀ-୨୦୨୬କେ ଉଦ୍‌ଘାଟନ୍ କଲେ ରାଜ୍ୟପାଲ୍ ।

୩- ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ସମିଆଥି ଶୃଙ୍ଖଳିତ୍ ନୀତିକାନ୍ତି ଲାଗି ଶ୍ରୀକ୍ଷେତ୍ର ପୁରୀ ନ ଚାଲିଛେ ଛତିଶା ନିଯୋଗ୍‌ର ବୈଠକ୍ ।

ଆଉର୍

୪- ତମାଖୁ ସେବନ୍ ଆର୍ ତାର୍ ଅପକାରିତାର୍ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ତମାଖୁ ବର୍ଜନ୍ ଦିବସ୍ ।

ମନ୍ କି ବାତ୍          ଏନ୍‌ଏସ୍‌ଡି

ଇ ବଛର୍ ଖରାମାସେ ଦେଖାଦେଇଥିବା ଜବର୍ ଗରମ୍ ଆଉ ଗୁଲ୍‌ଗୁଲି ସମିଆଥି ସବୁନୁ ଅଏତ୍‌କା ସତର୍କ ରହେବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୁକ୍‌କୁ ପରାମର୍ଶ ଦେଇଛନ୍ । ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ର ଶହେ ୩୪ ନମ୍ବର୍ ଅଧ୍ୟାୟଥି ଆଏଜ୍ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କରିକରି ଶ୍ରୀ ମୋଦୀ କହିଛନ୍, ଖରାର୍ ପ୍ରକୋପ୍‌ନୁ ରକ୍ଷା ପାଏବାର୍ ଲାଗି ଭିନ୍ ଭିନ୍ ସର୍‌କାରୀ ବିଭାଗ୍ ତର୍‌ଫୁ ଜାରି କରିଥିବା ନିର୍ଦ୍ଦେଶାବଳୀକେ ପାଲନ୍ କର୍‌ବାର୍‌କେ ହେବା । ଭର୍‌ପୁର୍ ପାଏନ୍ ପିଇବାର୍ ସହେତେ ଜବର୍ ଖରା ହେଉଥିବାର୍ ସମିଆଥି ଘରୁ ବାହାର୍‌କେ ଗଲାବେଲେ ସତର୍କ ହେବାର୍‌କେ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଓଡ଼ିଶାର୍ ବେଲ୍‌ପଣାକେ ପ୍ରଶଂସା କରିକରି କହିଛନ୍, ଜବର୍ ଗରମ୍ ହେଉଥିବାର୍ ବେଲେ ବେଲ୍‌ପଣା ବାଗିର୍ ଥଣ୍ଡା ପିଇବାର୍ ଦରବ୍ ଶରୀର୍ ଲାଗି ବହୁତ୍ ହିତକର ଆଏ ।

(ମୋଦୀ -ବେଲପଣା)

ଖରାମାସେ ଆମ୍ର ଉପ୍ାଦନ୍ ଆଉ ତାର୍ ଆଦର୍ ଉପ୍ରେ ଜୋର୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ସବୁ ଅଂଚଲ୍‌ନୁ ଉପ୍ାଦିତ୍ ହେଉଥିବା ଆମ୍ର ଖାସ୍ ସ୍ୱାଦ ଆଉ ବାସ୍ନା ରହିଛେ । ଇ ଅବ୍‌ସରେ ସେ ଦେଶର୍ ଭିନ୍ ଭିନ୍ ଜାଗା ନ ଉପ୍ାଦିତ୍ ହେଉଥିବା ଆମ୍ ବାବ୍‌ଦେ କହିଛନ୍ ।

ଆମ୍ ଚାଷ୍ କରୁଥିବା ଚାଷୀମାନ୍‌କର୍ ଉଦ୍ୟମ୍‌କେ ପ୍ରଶଂସା କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, କୃଷି ଅର୍ଥନୀତିକେ ଗତିଶୀଳ କର୍‌ବାର୍‌ଥି ଇଟା ବହୁତ୍ ସାହାଜ୍ କରୁଛେ । ଗାଁ ଇଲାକାନୁ ବାହାରୁଥିବା ଆମ୍ ଇହାଦେ ବିଶ୍ୱବଜାର୍ ନ ପୁହୁଁଚିଛେ । କିଛି ଦିନ୍ ତଲେ ନେଦର୍‌ଲେଣ୍ଡ୍‌ସ୍ ଗସ୍ତ ବାବ୍‌ଦେ ଶ୍ରୀ ମୋଦୀ କହିଛନ୍, ଚୋଲଯୁଗର୍ ପ୍ରାଚୀନ୍ ତମ୍ବା ପାତ୍ରମାନ୍‌କୁ ଭାରତ୍‌କେ ଫିରେଇ ଅନାଯାଇଛେ । ଇ ତମ୍ବା ଦରବ୍ ଚୋଲ ରାଜବଂଶର ସଫଲତା ବର୍ଣ୍ଣନା କର୍‌ବାର୍ ସହେତେ ସେତେବେଲେ ନୌବାଣିଜ୍ୟ କେତେ ବର୍‌କସ୍ ଥିଲା ସେ ବାବ୍‌ଦେ ଦର୍ଶଉଛେ । ଦକ୍ଷିଣ ପୂର୍ବ ଏସୀୟ ଦେଶ୍‌ମାନ୍‌କର୍ ସହେତେ ଚୋଲ ରାଜୁତି ବେଲର୍ ସମ୍ପର୍କ ବାବ୍‌ଦେ ଶ୍ରୀ ମୋଦୀ ଆଲୋକପାତ କରିଛନ୍ । ଦେଶର୍ ଅମୂଲ୍ୟ ଐତିହ୍ୟ

ସ୍କୁଲୀମାନ୍‌କୁ ସଂରକ୍ଷିତ୍ କରିକରି ରଖିବାରଥି ସର୍‌କାର୍ ଅହରହ ଚେଷ୍ଟା ଜାରି ରଖିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଜ୍ଞାନ୍ ଭାରତମ୍ ଅଭିଯାନ୍ ଅଧୀନ୍‌ଥି ଛତିଶ୍‌ଗଡ୍‌ର ମଲ୍‌ହାର୍ ନ ହେଇଥିବା ଗୁଟେ ଜରୁରୀ ପ୍ରସଙ୍ଗ ଉପ୍‌ରେ ଶ୍ରୀ ମୋଦୀ ସୂଚ୍‌ନା ଦେଇଛନ୍ । ଷଷ୍ଠ- ସପ୍ତମ ଶତାବ୍ଦୀଥି ପାଣ୍ଡୁବଂଶୀ ରାଜବଂଶର୍ ମହର୍ଷି ବାଲାର୍ଜୁନଙ୍କର୍ ସହେତେ ଜଡ଼ିତ୍ ୩ ଟା ବିରଳ ତମ୍ବା ଦରବ୍ ମିଲିଛେ ବଲି ଶ୍ରୀ ମୋଦୀ କହିଛନ୍ । ଝାରଖଣ୍ଡ୍‌ର ରାଂଚି ନ ହେଇଥିବା ଜାତୀୟ ବରିଷ୍ଠ ଦୌଡ଼କୁଦ ସଂଘ ତର୍‌ଫୁ ହେଇଥିବା ପ୍ରତିଯୋଗିତା ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଇଥି ୮ ଶହ ଝନ୍ ଖେଲାଲି ଭିନ୍ ଭିନ୍ ବର୍ଗନୁ ଭାଗ୍ ଦେଇଥିଲେ ।

୪ ଟା ଜାତୀୟ ରେକର୍ଡ଼ ଥାପ୍‌ନା କରିଥିବା ଖେଲାଲିମାନ୍‌କୁ ଶ୍ରୀ ମୋଦୀ ଅଭିନନ୍ଦନ୍ ଜନେଇଛନ୍ । ଶହେ ମିଟର୍ ଦୌଡ଼ ପ୍ରତିଯୋଗିତାଥି ନୂଆଁ ରେକର୍ଡ଼ କରିଥିବା ଗୁରିନ୍ଦର୍‌ବୀର୍ ସିଂ ଆଉ ଓଡ଼ିଶାର୍ ଖେଲାଲି ଅନିମେଷ୍ କୁଜୁର୍‌ଙ୍କର୍ ସଙ୍ଗେ ଶ୍ରୀ ମୋଦୀ କଥା ହେଇଛନ୍ । କାର୍ଯ୍ୟକ୍ରମ୍ ସମିଆଥି ଇ ଖେଲାଲିମାନେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାଙ୍ଗେ ସେମାନ୍‌କର୍ ଅଭିଜ୍ଞତା ବାଂଟିଥିଲେ ।

(ଭଏସ୍ ଓଭର୍- ସ୍ପୋର୍ଟସ୍)

ପ୍ରଧାନ୍‌ମନ୍ତ୍ରୀ ଆହୁରି କହିଛନ୍, ଜ୍ୟୋର୍ତିବିଜ୍ଞାନ୍ ସବୁବେଲେ ଯୁଆନ୍ ପିଢ଼ିଙ୍କର୍ ଲାଗି କୌତୁହଲ୍ ସହେତେ ଅନୁସନ୍ଧାନ୍ ଦିଗେ ପ୍ରେରଣା ଦଉଛେ । ଜ୍ୟୋର୍ତିବିଜ୍ଞାନ୍ କ୍ଲବ୍ ସାରାଦେଶେ ଧୀରେ ଧୀରେ ଲୋକପ୍ରିୟ ହେଉଛେ । ଯୁଆନ୍ ପିଢ଼ିଙ୍କୁ ଇ କ୍ଲବ୍‌ଥି ସାମିଲ୍ ହେବାର୍ ସହେତେ ଛୁଟି ଦିନ୍ ମାନ୍‌କେ ପ୍ଲାନେଟୋରିୟମ୍ ବୁଲି ଯିବାର୍‌କେ ସେ ଅନୁରୋଧ୍ କରିଛନ୍ । ଭିନ୍ ଭିନ୍ କ୍ଷେତ୍ରଥି ପ୍ରଶଂସନୀୟ କାମ୍ କରିଥିବା ନାଗରିକ୍‌ମାନ୍‌କର୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି କହିଛନ୍ । ସମାଜ୍ ଲାଗି ନିରନ୍ତର୍ କାମ୍ କରୁଥିବା ଲୋକ୍‌ମାନ୍‌କର୍‌ନୁ ଶିଖିକରି ନିଜେ କିଛି ଭଲ୍ କାମ୍‌ର ଭାଗିଦାର୍ ହେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ସମ୍‌କୁ ଆହ୍ୱାନ୍ ଦେଇଛନ୍ ।

କୁଳପତି ସମ୍ମିଲନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ କୁଳପତି ସମ୍ମିଲନୀ-୨୦୨୬କେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି

ଉଦ୍‌ଘାଟନ୍ କରିଛନ୍ । ଜାତୀୟ ଶିକ୍ଷାନୀତି -୨୦୨୦ ଥି ଡିଜିଟାଲ୍ ଶିକ୍ଷା, ଦକ୍ଷତା ବଢ଼ାବାର୍, ନବସୃଜନ ଆଉ ଗବେଷଣାକେ ତହଁକାବାର୍ ଆଉ କୌଶଲ୍ ଭିତିକ୍ ଶିକ୍ଷା ଉପ୍‌ରେ ଜୋର୍ ଦିଆୟାଉଛେ ବଲି ରାଜ୍ୟପାଲ୍ କହିଛନ୍ । ବିଶ୍ୱବିଦ୍ୟାଳୟ ତିଆର୍ କରୁଥିବା ଦକ୍ଷ ମାନବ୍ ସମ୍ବଲ୍ ଦେଶ୍ ଆଉ ରାଜ୍ୟକେ ନୂଆଁ ରୂପରେଖ୍ ଦେସି । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ଜାତୀୟ ଶିକ୍ଷାନୀତି ୟୁଆନ୍ ପିଢ଼ିଙ୍କର୍ ସ୍ୱର୍ଣ୍ଣିମ ଭବିଷ୍ୟତ୍ ଦିଗେ ଗୁଟେ ମାଇଲ୍‌ଖୁଂଟା ହେଇଛେ । ଛାତ୍ରଛାତ୍ରୀମାନ୍‌କୁ ସବୁନୁ ଭଲ୍ ଆଉ ଅନ୍ତର୍ଜାତୀୟ ସ୍ତର୍‌ର ଶିକ୍ଷା ଦିଆୟିବାର୍ ଲାଗି ଇଥି ଚେଷ୍ଟା କରାୟାଇଛେ । ଓଡ଼ିଶା ଗୁଟେ ସମୃଦ୍ଧ ଶିକ୍ଷାକ୍ଷେତ୍ରଥି ନେତୃତ୍ୱ ନେଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀମାନ୍‌କର୍ ନିୟୁକ୍ତି, ଦକ୍ଷତା ବୃଦ୍ଧି, ଗବେଷଣାମୂଲକ୍ ଅଧ୍ୟୟନ୍ ଆଉ ବିଶ୍ୱବିଦ୍ୟାଳୟମାନ୍‌କୁ ଜାତୀୟ ଆଉ ଅନ୍ତର୍ଜାତୀୟ ସ୍ତର୍‌ଥି ଆଗ୍‌କେ ନେବାର୍ ଲାଗି ଭିନ୍ ଭିନ୍ ପ୍ରସ୍ତାବ୍ ଉପ୍‌ରେ ଆଲୋଚନା ହେଇଛେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର

ସ୍ୱାଇଁ ଆଉ ଭିନ୍ ଭିନ୍ ବିଶ୍ୱବିଦ୍ୟାଳୟର୍ କୁଳପତିମାନେ ଉପସ୍ଥିତ୍ ଥିଲେ ।

ରାଜ୍ୟପାଲ୍ ଏଡିସି ନିଯୁକ୍ତି ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟପାଲ୍ ଡକ୍ଟର୍ ହରବାବୁ କମ୍ଭମ୍ପାଟି- ଆଇପିଏସ୍ ଅଧିକାରୀ ଅନନ୍ୟା ଅଓ୍ୱସ୍ଥିଙ୍କୁ ରାଜ୍ୟପାଲ୍ଙ୍କର୍ ଏଡିସି ଭାବେ ନିଯୁକ୍ତି ଦେଇଛନ୍ । ଇତାର୍ସହେତେ ସେ ଓଡ଼ିଶା ରାଜ୍ୟପାଲ୍ଙ୍କର୍ ସମ୍ମାନ୍ଜନକ୍ ଏଡିସି ପଦ୍ବୀଥି ନିଯୁକ୍ତ ହେବାର୍ଥି ପହେଲା ମହିଳା ଆଇପିଏସ୍ ଅଧିକାରୀ ହେଇଛନ୍ । ଲୋକଭବନ୍ ନ ହେଇଥିବା ଆନୁଷ୍ଠାନିକ୍ କାର୍ଯ୍ୟକ୍ରମ୍ଥି ରାଜ୍ୟପାଲ୍ ଅନନ୍ୟ ଅଓ୍ୱସ୍ଥିଙ୍କୁ ନୂଆଁ ପୁଲିସ୍ ଏଡିସି ଭାବେ ସ୍ୱାଗତ୍ କରିଥିଲେ ।

ଛତିଶାନିଯୋଗ୍ ପୁରୀ ସମ୍ବାଦଦାତା

ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକଙ୍କର୍ ଅଧ୍ୟକ୍ଷତାଥି ପୁରୀ ନୀଳାଦ୍ରୀ ଭକ୍ତନିବାସ୍ ନ ଛତିଶା ନିଯୋଗ୍‌ର ଜରୁରୀ ବୈଠକ୍ ମୁଲ୍ ହେଇଛେ । ବୈଠକ୍‌ଥି ଆଗ୍‌କେ ହେବାର୍‌କେ ଥିବା ରାଜେନ୍ଦ୍ରଭିଷେକ ଠାନୁ ନୀଳାଦ୍ରୀ ବିଜେତକ୍ ସବୁ ନୀତି ନିର୍ଘଂଟ ଉପ୍‌ରେ ଆଲୋଚନା କରାଯାଇକରି ଅନୁମୋଦନ୍ କରାଯିବା । ଇତାର୍‌ସହେତେ ସ୍ନାନଯାତ୍ରା, ରଥଯାତ୍ରା ଆଉ ବାହୁଡ଼ାଯାତ୍ରା ସମିଆଥି ଭିନ୍ ଭିନ୍ ବ୍ୟବସ୍ଥା ଉପ୍‌ରେ ଭିଲ୍ ଆଲୋଚନା କରାଯାଇକରି ସେସବୁକେ ଅନୁମୋଦନ୍ କରାଯିବା । ଶ୍ରୀମନ୍ଦିର୍ ଛତିଶାନିଯୋଗ୍ ବୈଠକ୍ ଶେଷ୍ ହେବାର୍ ଉତ୍‌ରୁ ନୀତି ସବ୍‌କମିଟି ବୈଠକ୍ ହେବା ।

ବିଶ୍ୱ ତମାଖୁ ବର୍ଜନ୍ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ତମାଖୁ ସେବନ୍ ଆଉ ସ୍ୱାସ୍ଥ୍ୟ ଲାଗି ହଉଥିବା ଇତାର୍ କୁପ୍ରଭାବ୍ ବାବ୍‌ଦେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟଥି ଆଏଜ୍ ବିଶ୍ୱ ତମାଖୁ ବର୍ଜନ୍ ଦିବସ୍ ପାଳନ୍ କରାଯାଉଛେ । ୧୯୮୮ ମସିହାନୁ ପାଳନ୍ କରାଯାଉଥିବା ଇ ଦିବସ୍‌ର ଇ ବଛରର୍

ବାର୍ତା ରହିଛେ 'ତମାଖୁର ଭ୍ରମାତ୍ମକ ଉଦ୍ଦେଶ୍ୟକେ ଉଜାଗର୍ କର୍ବାର୍- ନିକୋଟିନ୍ ଆଉ ତମାଖୁ ବାଗିର୍ ବଦଭ୍ୟାସ୍ର ମୁକାବିଲା କର୍ବାର୍'। ତମାଖୁଥି ୭ ହଜାର୍ନୁ ଅଏତ୍କା ବିଷାକ୍ତ ଦରବ୍ ରହିଛେ। ସେଥିର୍ଭିତ୍ରୁ ୬୦ ଟା କର୍କଟ ରୋଗ କରାସି। ଜାତୀୟ ପରିବାର୍, ସ୍ୱାସ୍ଥ୍ୟ ସର୍ବେକ୍ଷଣ୍ ଅନ୍ସାରେ ଓଡ଼ିଶା ନ ୧୫ ବଛର୍ନୁ ଅଏତ୍କା ୫୧ ପ୍ରତିଶତ୍ ପୁରୁଷ ଆଉ ୨୬ ପ୍ରତିଶତ୍ ମହିଲା କେନ୍ସି ପ୍ରକାରର୍ ତମାଖୁ ସେବନ୍ କର୍ସନ୍। ଓଡ଼ିଶାକେ ତମାଖୁ ମୁକ୍ତ ରାଜ୍ୟ ବନାବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଶ୍ୱ ତମାଖୁ ବର୍ଜନ୍ ଦିବସ୍ଥି ଆହ୍ୱାନ୍ ଦେଇଛନ୍। ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ତମାଖୁ ସେବନ୍ର ଅପକାରିତା ବାବ୍ଦେ ନିଜେ ସଚେତନ୍ ହେବାର୍ ସହେତେ ଅଲ୍ଗାମାନ୍କୁ ସଚେତ୍ କର୍ବାର୍ ଲାଗି ପରାମର୍ଶ ଦେଇଛନ୍।

ପୋଷଣ୍ ଅଭିଯାନ-ସମୀକ୍ଷା          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ପୋଷଣ୍ ଅଭିଯାନ୍ର ଅଗ୍ରଗତିକେ ନେଇକରି ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ୍ ଜିଲ୍ଲାପାଲ୍ଙ୍କର୍ ସମ୍ମିଳନୀ କକ୍ଷ ନ ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବାର୍ ବୈଠକ୍ଥି ଭିନ୍ ଭିନ୍ ଯୋଜ୍ନାର୍ କାର୍ଯ୍ୟକାରିତାର୍ ସମୀକ୍ଷା କରାଯାଇଛେ । ଜିଲ୍ଲାପାଲ୍ ପୋଷଣ୍ ଅଭିଯାନ୍ ସହେତେ ସୁଭଦ୍ରା ଯୋଜ୍ନା, ମମତା ଆଉ ପ୍ରଧାନ୍ମନ୍ତ୍ରୀ ମାତୃବନ୍ଦନା ଯୋଜ୍ନାର୍ ସ୍ଥିତି ସମୀକ୍ଷା କରିଛନ୍ ।